# Akashvani, Sambalpur

## SAMBALPURI NEWS EVENING BULLETIN

## 16 February 2025- 7.02 pm- 7.12 pm.

**********************************************

୧- ସମାଜ୍‌ର ବିକାଶ୍‌ଥି ଶିକ୍ଷା ସବୁନୁ ବଡ଼୍ ଭୂମିକା ନେସି - କହେଲେ ରାଷ୍ଟ୍ରପତି ।

- ଉଦ୍‌ଘାଟିତ୍ ହେଲା ଆଦି ମହୋତ୍ସବ ।

୨- ବିଧାନ୍‌ସଭା ନ ଆଏବା କାଏଲ୍ ବଜେଟ୍ ଉପସ୍ଥାପନ୍ କର୍‌ବେ ମୁଖ୍ୟମନ୍ତ୍ରୀ ।

- ରାଜ୍ୟର୍ ଅଭିବୃଦ୍ଧି ହାର ୭ ଦଶ୍‌ମିକ୍ ୨ ରହେବା ବଲି ଅର୍ଥନୈତିକ୍ ସର୍ଭେ ରିପୋର୍ଟ ୨୦୨୪-୨୫ଥି କୁହାଯାଇଛେ ।

୩- କଟକ୍ ବାର୍‌ବାଟୀ ଷ୍ଟାଡ଼ିୟମ୍ ନ ସେଲିବ୍ରିଟି କ୍ରିକେଟ୍ ଲିଗ୍‌କେ ଉଦ୍‌ଘାଟନ୍ କଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ରାଏଜେ ଆଏବା ହପ୍ତା ନ କେତେ ଜାଗା ନ ବର୍ଷାର୍ ସମ୍ଭାବନା ରହିଛେ ବଲି ଅନୁମାନ୍ କରିଛେ ପାଣିପାଗ୍ ବିଭାଗ୍ ।

ଆଦିବାସୀ ମହୋତ୍ସବ୍ ଆର୍‌ଏନ୍‌ୟୁ/

ସମାଜ୍‌ର ବିକାଶ୍‌ଥି ଶିକ୍ଷା ସବୁନୁ ବଡ଼ ଭୂମିକା ନେସି ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ନୂଆଦିଲ୍ଲୀର ମେଜର୍ ଧ୍ୟାନ୍‌ଚାନ୍ଦ୍ ଷ୍ଟାଡ଼ିୟମ୍ ନ ହେଉଥିବା ଆଦି ମହୋତ୍ସବ୍‌କେ ଉଦ୍‌ଘାଟନ୍ କରିକରି ରାଷ୍ଟ୍ରପତି କହିଛନ୍, ଜନଜାତି ସମୁଦାୟର୍ ଶିଳ୍ପକଳା, ଖାନ୍‌ପାନ୍, ଆଭୂଷଣ୍, ଘରୋଇ ଚିକିତ୍ସା ପ୍ରଣାଲୀ, ଖେଲ୍‌କୁଦ୍ ଆମର୍ ଦେଶର୍ ବଡ଼ ସମ୍ପତି । ସେମାନ୍‌କର୍ ଜୀବନ୍‌ଶୈଲୀଥି ବୈଜ୍ଞାନିକ୍ ଆର୍ ପ୍ରକୃତିର୍ ତାଲ୍‌ମେଲ୍ ଆଉ ଆଦର୍ଶର ଝଲକ୍ ଦେଖିବାର୍‌କେ ମିଲ୍‌ସି ବଲି ଶ୍ରୀମତୀ ମୁର୍ମୁ କହିଛନ୍ । ଆଦିବାସୀ ମାନ୍‌କର୍ ଶିକ୍ଷା, ସ୍ୱାସ୍ଥ୍ୟ ଆଉ ଆର୍ଥିକ୍ ସଶକ୍ତିକରଣ୍ ଲାଗି ସର୍‌କାର୍ ବିଶେଷ୍ ଧ୍ୟାନ୍ ଦେଉଛନ୍ । ଇ ବର୍ଗର୍ ଲୁକେ ସଶକ୍ତ ହେବାର୍ ସହେତେ ବିକଶିତ୍ ଭାରତ୍ ଗଠନ୍‌ଥି ସକ୍ରିୟ ଯୋଗ୍‌ଦାନ୍ କରିପାର୍‌ବେ । ଜନଜାତି ସମୁଦାୟ ବିକଶିତ୍ ହେଲେ ଦେଶ୍ ଠିକ୍ ବାଟେ ବିକଶିତ୍ ହେଇପାର୍‌ବା । ଗଲା ୧୦ ବଛ୍‌ରେ ଜନଜାତି ସମୁଦାୟର୍ ବିକାଶ୍ ଲାଗି କେନ୍ଦ୍ର ସର୍‌କାର୍ ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ନେଇଛନ୍ ବଲି ରାଷ୍ଟ୍ରପତି କହିଛନ୍ ।

(ଭଏସ୍ ଓଭର୍- ରାଷ୍ଟ୍ରପତି)

୯ ଦିନ୍ ଧରିକରି ହେବାର୍‌କେ ଥିବା ଇ ମହୋତ୍ସବ୍ ଆଏବା ୨୪ ତାରିଖ୍ ଉଦ୍‌ଯାପିତ୍ ହେବା । କାର୍ଯ୍ୟକ୍ରମ୍‌ଥି ୩୦ ଟା ରାଜ୍ୟ

ଆର୍ କେନ୍ଦ୍ରଶାସିତ୍ ଇଲାକାର୍ ୬ ଶହ ନୁ ଅଏତ୍କା ଆଦିବାସୀ କାରିଗର୍, କଲାକାର୍ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଅର୍ଥନୈତିକ୍ ସର୍ଭେ ରିପୋର୍ଟ ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ବିଧାନ୍ସଭା ନ ବଜେଟ୍ ଉପସ୍ଥାପନ୍ କର୍ବେ । ଇତାର୍ ଆଘୋନୁ ଗଲାକାଏଲ୍ ବିଧାନ୍ସଭା ନ ଅର୍ଥନୈତିକ୍ ସର୍ଭେ ରିପୋର୍ଟ ୨୦୨୪-୨୫ ଉପସ୍ଥାପିତ୍ ହେଇଛେ । ରିପୋର୍ଟ ଅନ୍ସାରେ ରାଏଜେ ଅର୍ଥନୈତିକ୍ ଅଭିବୃଦ୍ଧି, ଖାଦ୍ୟ ଶସ୍ୟ ଉତ୍ପାଦନ୍, ମହିଳା ସଶକ୍ତିକରଣ୍, ଭିତିଭୂମିର୍ ବିକାଶ୍, ଶିଳ୍ପ, ସଫ୍ଟୱେର୍ ରପ୍ତାନୀ କ୍ଷେତ୍ର ନ ଅଭିବୃଦ୍ଧି ଘଟିଛେ । ରାଜ୍ୟର୍ ଅର୍ଥନୈତିକ୍ ଅଭିବୃଦ୍ଧି ହାର ଦେଶର୍ ଠାନୁ ଅଏତ୍କା ରହିଛେ ବଲି ରିପୋର୍ଟ୍ଥି ଦର୍ଶାଯାଇଛେ । ସର୍ବଭାରତୀୟ ସ୍ତର୍ଥି ଅଭିବୃଦ୍ଧି ହାର ୬ ଦଶ୍ମିକ୍ ୪ ଥିବାର୍ ବେଲେ ଓଡ଼ିଶା ନ ଇଟା ୭ ଦଶ୍ମିକ୍ ୨ ପ୍ରତିଶତ୍ ରହିଛେ । ରିପୋର୍ଟ୍ଥି ରାଜ୍ୟର୍ ମୋଟ୍ ଘରୋଇ ଉତ୍ପାଦନ୍ ୯ ଦଶ୍ମିକ୍ ୫ ଲକ୍ଷ କୋଟି ହେବା ବଲି ଆକଲନ୍ କରାଯାଇଛେ । ଯେନ୍ଟାକି ଆଘର୍ ଆର୍ଥିକ୍

ବଛର୍ ଠାନୁ ୧୦ ପ୍ରତିଶତ ଅଏତ୍କା ଆଏ । ସେନ୍ତା ରାଜ୍ୟର୍ ମୁଣ୍ଡପିଛା ଆୟ ୧୦ ଦଶ୍ମିକ୍ ୭ ପ୍ରତିଶତ୍ ବଢ଼ିକରି ୧ ଲାଖ୍ ୮୨ ହଜାର୍ ୫ ଶହ ୪୮ ଟଙ୍କାଥି ପୁହୁଁଚିଛେ ଆଉ ଶ୍ରମଶକ୍ତି କ୍ଷେତ୍ର ନ ରାଜ୍ୟର୍ ଭାଗିଦାରୀତା ସର୍ବଭାରତୀୟ ସ୍ତର୍ ନୁ ଅଏତ୍କା ଥିବାର୍ ରିପୋର୍ଟଥି କୁହାଯାଇଛେ । ଗଲା ୫ ବଛ୍‌ରେ ରାଏଜେ କୃଷି ଅଭିବୃଦ୍ଧି ହାର ୭ ପ୍ରତିଶତ୍ ଥିବାର୍ ବେଲେ ଜାତୀୟ ସ୍ତର୍ ନ ଇଟା ୪ ଦଶ୍ମିକ୍ ୧ ପ୍ରତିଶତ୍ ରହିଛେ । କପା, ମକା, ପନିପରିବା, ମସ୍ଲା ବାଗିର୍ ଚାଷ୍ ବଢ଼୍‌ବାର୍‌ନୁ ଚାଷୀମାନ୍‌କର୍ ଆୟ ବଢ଼ିଛେ ବଲି ଅର୍ଥନୈତିକ୍ ସର୍ଭେ ରିପୋର୍ଟଥି କୁହାଯାଇଛେ ।

## ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି I&PR

ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍ ଚାଲୁଥିବାର୍‌ନୁ ଆଏବା କାଏଲ୍ ଆର୍ ୨୪ ତାରିଖ୍ ଭୁବ୍‌ନେଶ୍ୱର୍ ୟୁନିଟ୍ ୫ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ନ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଇ ବାବ୍‌ଦେ ପରବର୍ତ୍ତୀ ତାରିଖ୍ ସମ୍ବାଦ୍‌ପତ୍ର ଆର୍ ଭିନ୍ ଭିନ୍ ଗଣମାଧ୍ୟମ୍ ଜରିଏ ଜନେଇ

ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ପୁରୀ ଶ୍ରୀଜଗନ୍ନାଥ୍ ମନ୍ଦିର-ଓମ୍ଫେଡ୍ ଘି' / ଆର୍ଏନ୍ୟୁ/ କଟକ୍

ପୁରୀ ଶ୍ରୀଜଗନ୍ନାଥ୍ ମନ୍ଦିର୍ ନ ମାସ୍କ ପାଖାପାଖ୍ ୨୨ ହଜାର୍ କେଜି ଓମ୍ଫେଡ୍ ଘି' ର ଦର୍କାର୍ ରହିଛେ ବଲି ଆଇନ୍ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ବିଧାନ୍ସଭା ନ ସେ କହିଛନ୍, କୋଠଭୋଗ ସହେତେ ପିଠପଣା, ଭୋଗ ରନ୍ଧା ଆର୍ ଦୀପଥି ଓମ୍ଫେଡ୍ ଘି' ବେଭାର୍ ବାଧ୍ୟତାମୂଲକ୍ କରାଯାଇଛେ ।

ଇତାର୍ଛଡ଼ା ଆଉଗୁଟେ ପ୍ରଶ୍ନର୍ ଉତର୍ଥି ଆଇନ୍ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ଓଡ଼ିଶା ହାଇକୋର୍ଟ ନ ମୋଟ୍ ୧ ଲାଖ୍ ୪୮ ହଜାର୍ ୯ ଶହ ୭୨ ଟା ମାମ୍ଲା ବିଚାରାଧୀନ୍ ରହିଛେ । ହାଇକୋର୍ଟର ମଞ୍ଜୁରୀ ପାଇଥିବା ୩୩ ଝନ୍ ବିଚାର୍ପତିଙ୍କର୍ ଭିତ୍ରୁ ଏଛେନ୍ ୧୮ ଝନ୍ ବିଚାର୍ପତି ଅଛନ୍ । ଖାଲିଥିବା ବିଚାର୍ପତି ପଦ୍ବୀମାନ୍କୁ ସମ୍ବିଧାନ୍ର ଧାରା, ଜାତୀୟ ନ୍ୟାୟିକ କମିଟିର୍ ସୁପାରିଶ୍ ଆର୍ ରାଷ୍ଟ୍ରପତିଙ୍କର୍ ଅନୁମୋଦନ୍ଥି ପୂରଣ୍ କରାଯାଏସି ।

ସ୍ୱୟଂ ସହାୟକ ଗୋଷ୍ଠୀ -ଉପମୁଖ୍ୟମନ୍ତ୍ରୀ ଆର୍ଏନ୍ୟୁ/ କଟକ୍

ରାଜ୍ୟ ମିଶନ୍ଶକ୍ତି ଅଧୀନ୍ଥି ୬ ଲାଖ୍ ୨ ହଜାର୍ ୧୩ ଟା ସ୍ୱୟଂ ସହାୟକ ଗୋଷ୍ଠୀ ନ ୭୦ ଲାଖ୍ନୁ ଅଏତ୍କା ମହିଲା କାମ୍ କରୁଛନ୍ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ବିଧାନ୍ସଭା ନ ଗୁଟେ ଲିଖିତ୍ ପ୍ରଶ୍ନର୍ ଉତର୍ଥି ଶ୍ରୀମତୀ ପରିଡ଼ା କହିଛନ୍, ଗଞ୍ଜାମ୍ ଜିଲ୍ଲା ନ ସବୁନୁ ଅଏତ୍କା ୪୧ ହଜାର୍ନୁ ଜହ ସ୍ୱୟଂ ସହାୟକ ଗୋଷ୍ଠୀ ଥିବାର୍ ବେଲେ ବୌଦ୍ଧ ନ ସବୁନୁ କମ୍ ୬ ହଜାର୍ ସହେତେ ଶହେ ୩୫ ଟା ସ୍ୱୟଂ ସହାୟକ ଗୋଷ୍ଠୀ କାମ୍ କରୁଛେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ୍ସ

ମହାକୁମ୍ଭ -୨୦୨୫ ଉଧେ ଉତର୍ପ୍ରଦେଶ୍ର ପ୍ରୟାଗ୍ରାଜ୍ ର ତ୍ରିବେଣୀ ସଂଗମ୍ ନ ଆଏଜ୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ବୁଡ଼ ପକେଇଛନ୍ । ଇ ଅବ୍ସରେ ଗୁଟେ ପ୍ରତିକ୍ରିୟାଥି ସେ କହିଛନ୍, ଧର୍ମ ଆର୍ ଆସ୍ଥାର୍ ସବୁନୁ ବଡ଼ ପର୍ବ ମହାକୁମ୍ଭ ଖାଲି ଗୁଟେ ପର୍ବ ନୁହେଁ ଭାରତ୍ର ହଜାର୍ ହଜାର୍

ବଛର୍ ପୁର୍ନା ଆଧ୍ୟାତ୍ମିକ୍ ଆର୍ ସାଂସ୍କୃତିକ୍ ଚେତନାର୍ ଗୁଟେ ଜୀବନ୍ତ ଜ୍ୟୋତି ଆଏ ।

ଭକ୍ତ ନିବାସ୍ ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ପ୍ରଶାସନ୍‌ର ଭକ୍ତ ନିବାସ୍ ନାଁଥି ନକ୍‌ଲି ୱେବ୍‌ସାଇଟ୍ ଖୁଲିକରି ଠକେଇ ଘଟ୍‌ନା ନଜର୍‌କେ ଆଏବାର୍ ଉତ୍‌ରୁ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ୍ ନେବାର୍ ଲାଗି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ୍ ଡକ୍ଟର୍ ଅରବିନ୍ଦ ପାଢ଼ୀ କ୍ରାଇମ୍ ବ୍ରାଂଚ୍ ଡିଜିଙ୍କୁ ଅନୁରୋଧ୍ କରିଛନ୍ । ମୁଖ୍ୟ ପ୍ରଶାସକ୍ ଶ୍ରୀ ପାଢ଼ୀ ଇ ବାବ୍‌ଦେ ଜନେଇଛନ୍ ଯେ, ଶ୍ରୀମନ୍ଦିର୍‌ର ନିଜର୍ ୱେବ୍‌ସାଇଟ୍ www.shreejagannatha.in ଆର୍ www.stayatpurijagannath.in ଜରିଏ ଭକ୍ତନିବାସ୍ ମାନ୍‌କର୍ ବୁକିଂ କରାଯାଉଥିଲା । ହେଲେ ନକ୍‌ଲି ୱେବ୍‌ସାଇଟ୍ ଆର୍ ଜାଲ୍ ଏକାଉଂଟ୍ ଜରିଆଥି କେତେଝନ୍ ସାଧାରଣ୍ ଲୁକ୍‌କୁ ଠକିଥିବା ପ୍ରମାଣ୍ ମିଲ୍‌ବାର୍ ଉତ୍‌ରୁ ପ୍ରଶାସନ୍ ଉତ୍‌ରୁ ପଦକ୍ଷେପ୍ ନିଆଯାଇଛେ ।

ବୌଦ୍ଧ ଜିଲ୍ଲାପାଳ-ପରୀକ୍ଷା କେନ୍ଦ୍ର ପରିଦର୍ଶନ୍ ବୌଦ୍ଧ

ବୌଦ୍ଧ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଜିଲ୍ଲାର୍ ୧୦ କ୍ଲାସ୍‌ର ପରୀକ୍ଷା କେନ୍ଦ୍ରମାନ୍‌କେ ପରିଦର୍ଶନ୍ କରିକରି ଭିତିଭୂମି ଅନୁଧ୍ୟାନ୍ କରିଛନ୍ । ଛାତ୍ରଛାତ୍ରୀମାନ୍‌କର୍ ଲାଗି ପିଇବାର୍ ପାଏନ୍, ହଲ୍‌ମାନ୍‌କେ ପଙ୍ଖା, ଓଆର୍‌ଏସ୍, ଉଷୋ ଆର୍ ଅଲ୍‌ଗା ବ୍ୟବସ୍ଥା ସୁନିଶ୍ଚିତ୍ କର୍‌ବାର୍‌କେ ପ୍ରଧାନ୍ ଶିକ୍ଷକ୍‌ମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ । ଯେନ୍ ଜାଗା ମାନ୍‌କେ ଇସବୁ ପ୍ରସ୍ତୁତି ନାଇଁସରି ସେନ ସେସବୁ ପ୍ରସ୍ତୁତ୍ କର୍‌ବାର୍ ଉତ୍‌ରୁ ଜିଓ ଟେଗ୍ ଫଟୋ ଛାଡ୍‌ବାର୍‌କେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ୍ ଦେଇଥିଲେ ।

ଗୃହନିର୍ମାଣ୍, ସହରାଂଚଲ୍ ବିକାଶ୍ ବିଭାଗ ମାର୍ଗଦର୍ଶିକା I&PR

ରାଏଜେ ଖରାଦିନେ ଗ୍ରୀଷ୍ମପ୍ରବାହ ପରିସ୍ଥିତିର ମୁକାବିଲା ଲାଗି ତୟାର୍ ରହେବାର୍ ଆର୍ ପ୍ରତିଷେଧକ୍ ମୂଲକ୍ ପଦକ୍ଷେପ୍ ନେବାର୍ ଲାଗି ଗୃହନିର୍ମାଣ୍ ଆର୍ ସହରାଂଚଲ୍ ବିକାଶ୍ ବିଭାଗ୍ ତର୍‌ଫୁ ମାର୍ଗଦର୍ଶିକା ଜାରି କରାଯାଇଛେ । ସହରାଂଚଲ୍ ନ ଭର୍‌ପୁର୍ ପାଏନ୍ ଯୁଗାବାର୍‌କେ ସୁନିଶ୍ଚିତ୍ କର୍‌ବାର୍ ସହେତେ ଜଳଯୋଗାଣ ଲାଗି ଥିବା ପାଇପ୍ ଲାଇନ୍ ମାନ୍‌କୁ ଚାଲୁ ରଖିବାର୍ ଲାଗି ପରାମର୍ଶ

ଦିଆଯାଇଛେ । ଇ ବାବ୍‌ଦେ କିଛି ଅଭିଯୋଗ୍ ଆସ୍‌ଲେ ସେତାକେ ୨୪ ଘଂଟା ଭିତ୍‌ରେ ସମାଧାନ୍ କର୍‌ବାର୍ ଲାଗି କୁହାଯାଇଛେ । ପିଇବାର୍ ପାଏନ୍ ଅଭାବ ହେଉଥିବା ଇଲାକାମାନ୍‌କେ ଟେଙ୍କର୍ ଜରିଏ ପାଏନ୍ ଯୁଗେଇ ଦେବାର୍ ବ୍ୟବସ୍ଥା କର୍‌ବାର୍ ଲାଗି ପଦକ୍ଷେପ୍ ନିଆଯାଉଛେ । ସ୍ୱେଚ୍ଛାସେବୀ ସଂଗଠନ୍‌ମାନ୍‌କୁ ରାସ୍ତାତରା, ଛକ୍ ଜାଗା, ବସ୍‌ଷ୍ଟେଣ୍ଡ ଆଉ ରେଲ୍‌ଷ୍ଟେସନ୍‌ମାନ୍‌କେ ପିଇବାର୍ ପାଏନ୍ ବାଂଟ୍‌ବାର୍ କେନ୍ଦ୍ର ଖୁଲ୍‌ବାର୍‌କେ ପରାମର୍ଶ ଦିଆଯାଇଛେ ।

ଜିଲ୍ଲା ସଡ଼କ୍ ସୁରକ୍ଷା କମିଟି ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଜିଲ୍ଲା ସଡ଼କ୍ ସୁରକ୍ଷା କମିଟିର୍ ଗୁଟେ ବୈଠକ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ସହରେ ଲାଗିଥିବା ଟ୍ରାଫିକ୍ ସିଗ୍‌ନାଲ୍‌କେ ଲୋକ୍‌ମାନେ ମାନ୍‌ଲେନ ଆଉ ଅମାନିଆ ମାନ୍‌କୁ ଜରିମାନା ଭିଲ୍ କରାଯାଉଛେ ବଲି ଜନାପଡ଼ିଛେ । ଇତାର୍‌ଛଡ଼ା ଗାନ୍ଧୀଛକ୍‌ଠାନେ ଗୁଟେ ଯାତ୍ରୀ ପ୍ରତୀକ୍ଷାଳୟ ତିଆରି ଲାଗି ପୌର ପରିଷଦ୍‌କେ ଦାୟିତ୍ୱ ଦିଆଯାଇଛେ । ଭଟ୍‌ଲି ଛକ୍ ନ ବେଶୀ ଭିଡ଼୍ ହେଉଥିବାର୍‌ନୁ ଗୁଟେ ଖାସ୍ ମାଷ୍ଟର୍ ପ୍ଲାନ୍

ତିଆର୍ କରାଯିବା ଆର୍ ନୋ ପାର୍କିଂ ଜୋନ୍ ନ ଗାଡ଼ି ମଟର୍ ରଖୁଥିବାର୍ ଲୁକ୍‌କର୍‌ନୁ ଜରିମାନା ଅସୁଲ୍ କର୍‌ବାର୍‌କେ ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ବର୍‌ଗଡ଼୍-କୃଷକ୍ ତାଲିମ୍ ଶିବିର ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ଼୍ ଜିଲ୍ଲା କୃଷି ବିଭାଗ୍ ତର୍‌ଫୁ ପାଇକ୍‌ମାଲ୍ ବ୍ଲକ୍‌ର ପୁରେନା ଗାଁ ନ ତେଲ ବୀଜ ଫସଲ୍ ଉପ୍‌ରେ ୨ ଦିନିଆ କୃଷକ୍ ତାଲିମ୍ ଶିବିର୍ ହେଇଯାଇଛେ । ଶିବିର୍‌ଥି କୃଷି ଅଧିକାରୀମାନେ ତେଲବୀଜ ଫସଲ୍ ମୁଗ୍‌ଫଲି, ସୁର୍‌ସୋ, ରାଶି, ସୂର୍ଯ୍ୟମୁଖୀ ଆର୍ ସୋୟାବିନ୍ ବାଗିର୍ ଫସଲ୍ ଚାଷ୍ କର୍‌ବାର୍‌କେ ଚାଷୀମାନ୍‌କୁ ତାଲିମ୍ ଦେଇଥିଲେ । ରାସାୟନିକ୍ ସାର୍ କମ୍ କରିକରି ଜୈବିକ୍ ପଦ୍ଧତିଥି ଚାଷୀମାନ୍‌କୁ ମିଳୁଥିବା ସର୍‌କାରୀ ସୁବିଧା ସୁଯୋଗ୍ କେନ୍ତା ପାଇପାର୍‌ବେ ସେ ବାବ୍‌ଦେ ଚାଷୀମାନ୍‌କୁ ବୁଝାଯାଇଥିଲା ।

ସେଲିବ୍ରିଟି କ୍ରିକେଟ୍ ଲିଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ୍ ବାର୍‌ବାଟୀ ଷ୍ଟାଡ଼ିୟମ୍ ନ ଖେଲାଯାଉଥିବା ସେଲିବ୍ରିଟି କ୍ରିକେଟ୍ ଲିଗ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଉଦ୍‌ଘାଟନ୍ କରିଛନ୍ । ଉଦ୍‌ଘାଟନୀ ମେଚ୍‌ଥି ଇହାଦେ ପଞ୍ଜାବ୍ ଦି ସେର୍ ଆର୍ ଭୋଜ୍‌ପୁରୀ ଦବଙ୍ଗ୍‌ସ ଭିତ୍‌ରେ ଖେଲ୍ ଜାରି ରହିଛେ । ପଞ୍ଜାବ୍ ଦି ସେର୍ ଦଲ୍ ପହେଲା ବେଟିଂ କରିକରି ଶହେ ୨ ରନ୍ କରିଛେ ଆର୍ ଇହାଦେ ଭୋଜ୍‌ପୁରୀ ଦବଙ୍ଗ୍‌ସ ଦଲର୍ ବେଟିଂ ଜାରି ରଖିଛେ ।

ଇତାର୍ ଉତ୍‌ରୁ ୨ ନମ୍ବର୍ ମେଚ୍ ମୁମ୍ବାଇ ହିରୋଜ୍ ଆର୍ ବେଙ୍ଗଲ୍ ଟାଇଗର୍ସ ଭିତ୍‌ରେ ଖେଲାଯିବା । ସେଲିବ୍ରିଟି କ୍ରିକେଟ୍ ଲିଗ୍‌ଥି ୭ ଟା ଦଲ୍ ୧୦ ଓଭର୍‌ର ମେଚ୍ ଖେଲୁଛନ୍ । ହିନ୍ଦୀ ଆର୍ ଅଲ୍‌ଗା ଭାଷାର୍ ଚଳଚ୍ଚିତ୍ରର୍ ଅଭିନେତା ମାନେ ଇଥି ଭାଗ୍ ନେଇଛନ୍ ।

ଏଫ୍‌ଆଇଏଚ୍ ପ୍ରୋ ଲିଗ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ କଳିଙ୍ଗ ହକି ଷ୍ଟାଡ଼ିୟମ୍ ଠାନେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଚାଲିଥିବା ମହିଳା ବର୍ଗଥି ଜର୍ମାନୀ- ସ୍ପେନ୍ ଭିତ୍‌ରେ ହେଇଥିବା ମେଚ୍‌ଥି ସ୍ପେନ୍ ୨-୧ ଗୋଲ୍‌ଥି ଜର୍ମାନୀକେ ହରେଇଛେ । ଭାରତ୍ - ଇଂଲଣ୍ଡ ଭିତ୍‌ରେ ଚାଲିଥିବା ମେଚ୍ ୨- ୨ ଗୋଲ୍‌ଥି ଡ୍ର ହେଇଛେ । ସେଆଡ଼େ ପୁରୁଷ ବର୍ଗଥି

ଭାରତ୍ ଆର୍ ସ୍ପେନ୍ ଭିତ୍‌ରେ ବେଲ୍‌ବୁଡ଼ର୍ ସାଢ଼େ ୭ ବଜେ ମେଚ୍ ହେବା ।

ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ସମ୍ବଲ୍‌ପୁର୍ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ଠାନେ ୨ ନମ୍ବର୍ ଅନ୍ତଃଜିଲ୍ଲା ପଶ୍ଚିମ ଓଡ଼ିଶା ବିଜୟ ବାହାଦୁର୍ ସିଂ ଆର୍ ଭୀମ୍‌ସେନ୍ ଛତର୍ ସ୍ମାରକୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ -୨୦୨୫ ଥି ଆଏଜ୍ ୨ ନମ୍ବର୍ ଦିନେ ସମ୍ବଲ୍‌ପୁର୍ ଦଲ୍ ଜିତିଛେ । ସମ୍ବଲ୍‌ପୁର୍ ଆର୍ ବର୍‌ଗଡ଼୍ ଭିତ୍‌ରେ ହେଇଥିବା ମେଚ୍‌ଥି ସମ୍ବଲ୍‌ପୁର୍ ଦଲ୍ ବର୍‌ଗଡ଼୍‌କେ ୧-ଶୂନ୍ ଗୋଲ୍‌ଥି ହରେଇଛେ ।
ଆଏବା କାଏଲ୍ ଝାର୍‌ସୁଗୁଡ଼ା ଆର୍ ଦେବ୍‌ଗଡ଼୍ ଜିଲ୍ଲା ଭିତ୍‌ରେ ମେଚ ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ କେତେଟା ଜାଗା ସହେତେ ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, କେନ୍ଦୁଝର୍ ସହେତେ ଆଏବା ହପ୍ତାଥି ବର୍ଷାର୍ ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍

କେନ୍ଦ୍ର ତରଫ଼ୁ ସୂଚ୍ନା ଦିଆଯାଇଛେ । ଆଏବା ୩ ଦିନ୍ତକ୍ ପାଗ୍ଥି ଖାସ୍ କିଛି ପରିବର୍ତନ୍ ନାଇଁ ହୁଏ । ଗଲା ୨୪ ଘଂଟା ଭିତ୍ରେ ରାଜ୍ୟର୍ ସବୁନୁ ଜହ ତାତି ପାରଳାଖେମୁଣ୍ଡି ନ ୩୬ ଦଶ୍ମିକ୍ ୬ ଡିଗ୍ରୀ ସେଲ୍ସିଅସ୍ ରହିଥିଲା । ସେନ୍ତା ରାଜ୍ୟର୍ ସବୁ ଇଲାକାର୍ ତାତି ୩୩ ଡିଗ୍ରୀ ଉପ୍ରେ ରହିଥିଲା ।